# ଦୃଷ୍ଟି ଦିଅନ୍ତୁ

## ତମାଖୁ ଦ୍ରବ୍ୟର ପାଇକାରୀ ଓ ଖୁଚୁରା ବିକ୍ରେତା ଓ ସଧାରଣଜନତା !!

**ଅଠର ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ସିଗାରେଟ୍ କିମ୍ବା ଯେକୌଣସି ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ବିକ୍ରି କରିବା ଓ ତାଙ୍କ ଦ୍ୱାରା ବିକ୍ରୟ କରିବା ଏକ ଦଣ୍ଡନୀୟ ଅପରାଧ ।**

ସିଗାରେଟ୍ ଓ ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ଅଧିନିୟମ,୨୦୦୩ର ଧାରା ୬ ଲାଗୁକରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଗେଜେଟ୍ ବିଜ୍ଞପ୍ତି ନଂ. ଜି.ଏସ. ଆର.୬୧୯ (ଇ) ତାରିଖ ୧୧ .୦୮.୨୦୧୧ ଅନୁଯାୟୀ ନିମ୍ନୋକ୍ତ ବିଷୟ ଦର୍ଶାଇଛନ୍ତି:



TOBACCO KILLS

**Sale of tobacco Products to a person below the age of eighteen years is a punishable offence.**



ତମାଖୁ ଜୀବନ ନିଏ

**ଅଠର ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ତମାଖୁ ଦ୍ରବ୍ୟ ବିକ୍ରି କରିବା ଏକ ଦଣ୍ଡନୀୟ ଅପରାଧ ।**

ସିଗାରେଟ୍ କିମ୍ବା ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ବିକ୍ରି କରାଯାଉଥିବା ଦୋକାନ, କ୍ୟାବିନ ଓ ଅନ୍ୟାନ୍ୟ ସ୍ଥାନର ମାଲିକ/ପରିଚାଳକ କିମ୍ବା ଦାୟିତ୍ୱରେ ଥିବା ବ୍ୟକ୍ତି ନିଶ୍ଚିତ ହେବା ସହ ନିମ୍ନଲିଖିତ ସର୍ତ୍ତାବଳୀ ପ୍ରତି ଧ୍ୟାନ ଦେବା ବାଞ୍ଛନୀୟ ଓ ଆଇନସଙ୍ଗତ:

- ସିଗାରେଟ୍ କିମ୍ବା ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ବିକ୍ରି ହେଉଥିବା ସ୍ଥାନର ପ୍ରବେଶ ପଥ କିମ୍ବା ଅନ୍ୟ ଯେକୌଣସି ଦୃଷ୍ଟିଗୋଚର ହେଉଥିବା ସ୍ଥାନରେ ୬୦ସେ.ମି. ରୁ ୩୦ ସେ.ମି.ର ଏକ ବୋର୍ଡ ଲଗାଇବେ| ସେହି ବୋର୍ଡର ପ୍ରଚ୍ଛଦପଟ ଧଳା ହୋଇଥିବାସ୍ଥଳେ ଏହାର ୫୦ଭାଗରେ ତମାଖୁ ସେବନର କୁପ୍ରଭାବ ସମ୍ପର୍କିତ ଚିତ୍ର ପ୍ରଦର୍ଶିତ ହୋଇଥିବ ଓ ଅନ୍ୟ ୫୦ଭାଗରେ ନାବାଳକଙ୍କୁ ସିଗାରେଟ୍ ଓ ଅନ୍ୟାନ୍ୟ ତମାଖୁ ସେବନ ନିଷିଦ୍ଧ କରାଯାଇଥିବା ଲେଖାଥିବ । ଏହି ସତର୍କସୂଚିତ ବୋର୍ଡରେ ସିଗାରେଟ୍ କିମ୍ବା ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ କିମ୍ବା କୌଣସି ଅନ୍ୟାନ୍ୟ ବିଜ୍ଞାପନ ବିକ୍ରି ଉଦ୍ଦିଷ୍ଟ ପ୍ରୋତ୍ସାହନ କିମ୍ବା ଛବି କିମ୍ବା ସିଗାରେଟ୍ କିମ୍ବା ଅନ୍ୟାନ୍ୟ ତମାଖୁ ଦ୍ରବ୍ୟର ଛବି ପ୍ରଦର୍ଶନ କରିବା ନିଷିଦ୍ଧ ।
- ଅଯଥା ଆକର୍ଷିତ କଲାପରି କୌଣସି ଯନ୍ତ୍ର/ବିକ୍ରୟ ମେସିନ ଦ୍ୱାରା ସିଗାରେଟ୍ କିମ୍ବା ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ବିକ୍ରି କରାଯିବ ନାହିଁ ।
- ଅଠର ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କ ଦ୍ୱାରା ତମାଖୁ ଦ୍ରବ୍ୟ ବ୍ୟବହାର /କ୍ରୟ କିମ୍ବା ବିକ୍ରୟ କରାଯିବ ନାହିଁ ।
- ସିଗାରେଟ୍ କିମ୍ବା ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ସଂପୃକ୍ତ ବିକ୍ରି ସ୍ଥାନରେ ଏପରି ପ୍ରଦର୍ଶିତ ହେବା ଅନୁଚିତ୍ ଯାହା ଅଠର ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସେବନ କରିବାକୁ ଆକୃଷ୍ଟ କରିବ ।

**ଏହି ବ୍ୟବସ୍ଥାର ଯେକୌଣସି ଖିଲାପ ଏକ ଦଣ୍ଡନୀୟ ଅପରାଧ ଏବଂ ଏହାର ଜୋରିମାନା ୨୦୦ ଟଙ୍କା**

ଯେ କୌଣସି ଉଲ୍ଲଙ୍ଘନ ବିଷୟ ଜଣାଇବା ପାଇଁ ଦୟାକରି ୧୮୦୦ -୧୧୦- ४୫୬(ଦେୟମୁକ୍ତ)କୁ ଡାକନ୍ତୁ କିମ୍ବା ନିକଟସ୍ଥ ଥାନା/କମିଶନରେଟ୍‌ପୋଲିସ୍/ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ / ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ/ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଜଣାନ୍ତୁ ।

ବୋର୍ଡର ପ୍ରସ୍ତୁତି ପାଇଁ ଅନୁସରଣ କରିବାକୁ ପିଡିଏଫ୍‌ଫର୍ମାଟ୍‌ରେ ଦିଆଯାଇଥିବା ବିସ୍ତୃତ ବିବରଣ ସହ ପ୍ରଦର୍ଶନ ବୋର୍ଡର ନକ୍‌ସା ଥିବା ଏକ ସଫ୍ଟ କପି କମିଶନରେଟ୍‌ପୋଲିସ୍/ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ / ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୱେବ୍‌ସାଇଟ୍ www.orissa.gov.in/health_portal/index.html. ରୁ ମିଳିପାରିବ ।

ଆପଣମାନଙ୍କ ମଧ୍ୟରେ ତମାଖୁ ସେବନର କୁପ୍ରଭାବ ଓ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରାଇବାର ଏହା ଏକ ପ୍ରୟାସ । ପର୍ଯ୍ୟାପ୍ତ ସଚେତନତା ପରେ ସିଗାରେଟ୍ ଓ ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ଅଧିନିୟମ,୨୦୦୩ ପ୍ରଦତ୍ତ ବିଧିବିଧାନ ମୁତାବକ ଖିଲାପକାରୀଙ୍କ ବିରୁଦ୍ଧରେ ଦଣ୍ଡ ବିଧାନର ବ୍ୟବସ୍ଥା କରାଯିବ

## ସର୍ବସାଧାରଣ ହିତରେ ଜାରି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର | କମିଶନରେଟ୍‌ପୋଲିସ୍, ଭୁବନେଶ୍ୱର-କଟକ | ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ | ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍